## ସଂକ୍ଷେପରେ

### ହରିପୁର ଜଗନ୍ନାଥ, ଶନି ମନ୍ଦିରରୁ ଚୋରି

ରସୁଲପୁର,୧୨।୩(ରଞ୍ଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ ହରିପୁର ଅଞ୍ଚଳରୁ ବାରମ୍ବାର ଚୋରି ହେଉଛି। ୩ଦିନ ତଳେ ମଦନ ମୋହନମଠରୁ ଚୋରି ହୋଇଥିବାବେଳେ ମଙ୍ଗଳବାର ରାତିରେ ଜଗନ୍ନାଥ ମଠରୁ ଚୋରି ହୋଇଛି। ଦୁର୍ବୃତ୍ତ ମଠ କବାଟ ତାଡ଼ି ଠାକୁରଙ୍କ ସୁନା, ରୁପା ଅଳଙ୍କାର, ବାସନ କୁସନ, ସିଂହାସନ, ଠାକୁରଙ୍କ ହୋଲି ଖେଳରେ ବ୍ୟବହୃତ ହେଉଥିବା ରୁପା ବାଡି ଓ ଠାକୁରଙ୍କ ବଂଶୀ ଆଦି ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଛନ୍ତି। ସେହିପରି ଦୁର୍ବୃତ୍ତ ଶନିତୋଟାରେ ଥିବା ଗ୍ରହରାଜ ଶନିଶ୍ଚିରଙ୍କ ମନ୍ଦିରରୁ ବିଭିନ୍ନ ପୂଜା ସାମଗ୍ରୀ ଓ ଠାକୁରଙ୍କ ମୂଲବାନ ଅଳଙ୍କାର ଚୋରି କରିନେଇଛନ୍ତି। ଉଭୟ ମନ୍ଦିରରୁ ପ୍ରାୟତଃ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପରମାନନ୍ଦ ସାହୁ କୁଆଖିଆ ଥାନାରେ ବୁଧବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର୯୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମଦନମୋହନ ମଠରୁ ଚୋରି ଘଟଣାରେ ଅଭିଯୁକ୍ତ ଗିରଫ

ରସୁଲପୁର,୧୨।୩(ରଞ୍ଜିତ ରାଉତ): କୁଆଖିଆ ଥାନା ନରସିଂହପୁର ମଦନ ମୋହନମଠରୁ ଚୋରି ଘଟଣାରେ ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ରସୁଲପୁର ପଞ୍ଚାୟତ ଚଣ୍ଡିପୁର ଗ୍ରାମର ସୁଶାନ୍ତ କୁମାର ପଣ୍ଡା(୪୨)। ଏଥିସହିତ ତାଙ୍କଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ଚୋରି ସାମଗ୍ରୀକୁ ବିକ୍ରି ଉଦ୍ଦେଶ୍ୟରେ ଘରଠାରୁ ବାହାରେ ଲୁଚାଇ ରଖିଥିଲେ। ପୋଲିସ ପଚରାଉଚରା କରିବାରୁ ସେ ଲୁଚାଇ ରଖିଥିବା ସାମଗ୍ରୀଗୁଡ଼ିକୁ ପୋଲିସକୁ ହସ୍ତାନ୍ତର କରିଥିଲେ। ଏ ନେଇ ଥାନାରେ ନଂ.୯୫।୨୫ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ନାମରେ ଥାନାରେ ଏକାଧିକ ମାମଲା ରହିଥିବା ତଦନ୍ତ ଅଧିକାରୀ ଏସଆଇହେମଲତାଦାସସୂଚନାଦେଇଛନ୍ତି।

### ୨ ବାଇକ୍ ଜବତ, ଜଣେ କୋର୍ଟ ଚାଲାଣ

ଯାଜପୁରରୋଡ଼,୧୧।୩(ପବିତ୍ର ରଞ୍ଜନ ମହାନ୍ତି): ଯାଜପୁରରୋଡ୍ ପୋଲିସ ବାଇକ୍ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବ୍ୟାସନଗର ସହର ଲକ୍ଷ୍ମୀନଗର ହୁଡ଼ିସାହିର ଶୁଭମ ଓଝା (୨୨)। ବାଇକ୍ ଚୋରି ନେଇ ଦାନଗଦି ବ୍ଲକ ମାରୁଟିକିର ଗ୍ରାମର ପର୍ଶୁରାମ ଦଳାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୩୩/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ନଷ୍ଟହୋଇଯାଇଛି ଶିକ୍ଷକଙ୍କ ଆଦିବାସୀ ପ୍ରମାଣପତ୍ର

**ଯାଜପୁର ଜିଲା ନକଲି ଶିକ୍ଷକ ମାମଲା**

- ଆର୍‌ଟିଆଇ ତଥ୍ୟରେ ସତ୍ୟପାଠ ଦାଖଲ
- ୬ଜଣଙ୍କ ମଧ୍ୟରୁ ୨ଜଣଙ୍କ ପ୍ରମାଣପତ୍ର ନଷ୍ଟ

ଯାଜପୁର,୧୨।୩(ହର୍ଷବର୍ଦ୍ଧନ ବେହେରା): ଯାଜପୁର ଜିଲାରେ ନକଲି ଜାତିଗତ ପ୍ରମାଣପତ୍ର ହାସଲ କରି କେତେଜଣ ସରକାରୀ ଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ସୂଚନା ଅଧିକାର ଆଇନ(ଆରଟିଆଇ) ବଳରେ ଜିଲା ଶିକ୍ଷାଧିକାରୀଙ୍କୁ ୬ ଜଣ ସନ୍ଦିଗ୍ଧ ଶିକ୍ଷକଙ୍କ ଜାତିଗତ ପ୍ରମାଣପତ୍ର ମଗାଯାଇଥିଲା। ହେଲେ ସେମାନଙ୍କ ମଧ୍ୟରୁ ୨ ଜଣ ଶିକ୍ଷକ ସତ୍ୟପାଠରେ ଜାତିଗତ ପ୍ରମାଣପତ୍ର ନଷ୍ଟ ହୋଇଯାଇଥିବା ତଥ୍ୟ ଦାଖଲ କରିଛନ୍ତି। ଏହା ଆରଟିଆଇର ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଥିବା ମତ ପ୍ରକାଶ ପାଇଛି।

ନକଲିଆଦିବାସୀପ୍ରମାଣପତ୍ର ଦେଇ ଶିକ୍ଷକତା କରୁଥିବା କେତେଜଣଙ୍କ ନାମରେ ପୂର୍ବରୁ ତଥ୍ୟ ପ୍ରମାଣ ଆଧାରରେ ଜିଲା ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ ରହୁଛି। ଏହି ଜିଲା ଅଧୀନ କୋରେଇ ବ୍ଲକର ବିଭିନ୍ନ ସରକାରୀ ସ୍କୁଲରେ ଅଶନଝର ପଞ୍ଚାୟତର କେତେଜଣ ଯୁବତୀଯୁବକ ଏସ୍‌ଇବିସି ବର୍ଗର ହୋଇଥିଲେ ହେଁ ଜାଲି ଜମିଜମା କାଗଜପତ୍ର ଆଧାରରେ ନକଲି ଆଦିବାସୀ ପ୍ରମାଣପତ୍ର ହାସଲ କରି ଶିକ୍ଷକତା କରିଆସୁଛନ୍ତି । ଏପରି କି ବିଗତ ଦିନରେ ୧୧ ଜଣ ନକଲି ଜାତିଗତ ପ୍ରମାଣପତ୍ରଧାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କ ନାମରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡ଼ିସି) କଟକ ଦେଇଥିବା ତଦନ୍ତ ନିର୍ଦ୍ଦେଶକୁ ମଧ କୋରେଇ ବିଇଓ ଏବଂ ଯାଜପୁର ଡିଇଓ ମିଳିମିଶି ଚାପିଦେଇଥିବା ଅଭିଯୋଗ ହୋଇଛି । ୨୦।୧।୨୦୨୫ରେ ଜଣେ ସାମାଜିକ କର୍ମୀ ଜିଲା ଶିକ୍ଷା ଅଧିକାରୀଙ୍କୁ ୬ ଜଣ ସନ୍ଦିଗ୍ଧ ନକଲି ଶିକ୍ଷକଙ୍କ ଜାତିଗତ ପ୍ରମାଣପତ୍ର ମାଗିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ଜନସୂଚନା ଅଧିକାରୀ(ପିଆଇଓ) ଆବଶ୍ୟକ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ ତଥ୍ୟ ଆବେଦନକାରୀଙ୍କୁ ହସ୍ତାନ୍ତର କରିବାକୁ କୋରେଇ ମଣ୍ଡଳ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ କୋରେଇ ବିଇଓ ନିଜ ମୁଣ୍ଡରୁ ଦୋଷ ଖସାଇବା ଉଦ୍ଦେଶ୍ୟରେ ନକଲି ଶିକ୍ଷକ କାର୍ଯ୍ୟରତ ଥିବା ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମୟସୀମା ମଧ୍ୟରେ ତଥ୍ୟ ନ ମିଳିବାରୁ ଆବେଦନକାରୀ ଯାଜପୁର ଡିଇଓଙ୍କ କାର୍ଯ୍ୟାଳୟରେ ପ୍ରଥମ ଅପିଲ କରିଥିଲେ । ଇତିମଧ୍ୟରେ ଦୁଲଖାପାଟଣା ଏମ୍ଏଲଏ ଉଚ୍ଚ ବିଦ୍ୟାପୀଠର ଅଭିଯୁକ୍ତ ନକଲି ଶିକ୍ଷକ ମୁରଲୀଧର ଦେହୁରୀ ଓ ମଥୁରାପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବେଣୁଧର ଦେହୁରି ତାଙ୍କ ଜାତିଗତ ପ୍ରମାଣପତ୍ର ନଷ୍ଟ ହୋଇଯାଇଥିବା ଦର୍ଶାଇ ସତ୍ୟପାଠ ଦାଖଲ କରିଛନ୍ତି। ଏହି ସତ୍ୟପାଠକୁ ଆର୍‌ଟିଆଇ ଆବେଦନକାରୀ ଏବଂ କୋରେଇ ବିଇଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ତେବେ ଏଥିରେ କୋରେଇ ବିଇଓଙ୍କ ଅଫିସରୁ କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ତାଙ୍କ ପଛରେ ରହି ସୁରକ୍ଷା ଦେଉଥିବା ସୂଚନା ମିଳିଛି । ପୂର୍ବରୁ ଅଶନଝରଗ୍ରାମର ୩ଜଣ ନକଲି ଶିକ୍ଷକଙ୍କୁ ଜିଲା ଶିକ୍ଷା ଅଧିକାରୀ ନିଲମ୍ବିତ କରିଥିଲେ । ହେଲେ ପରିତାପର ବିଷୟ ଅନୁରୂପ ଭାବେ ଅଶନଝର ଗ୍ରାମରେ ଅନ୍ୟ ୯ ଜଣ ଶିକ୍ଷୟିତ୍ରୀଶିକ୍ଷକ ଏସ୍‌ଇବିସି ବର୍ଗର ହୋଇ ନକଲି ଆଦିବାସୀ ପ୍ରମାଣପତ୍ର ଦେଇ ଚାକିରୀ କରୁଥିଲେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଏହାସହ ଅସନଝର ଗ୍ରାମର ହରିହର ଦଳେଇ ଏସ୍‌ଇବିସି ବର୍ଗର ହୋଇଥିଲେ ହେଁ ମିଥ୍ୟା ଜାତିଗତ ପ୍ରମାଣପତ୍ର ଦାଖଲ କରି ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ଅଭିଯୋଗ ହୋଇଥିଲା । ପରେ ଉପରିସ୍ଥ ଅଧିକାରୀଙ୍କୁ ଧରାଧରି କରି ସେହି ଆଦିବାସୀ ପ୍ରମାଣପତ୍ର ବଳରେ ପଦୋନ୍ନତି ପାଇ ଯାଜପୁର ଜିଲା ବଡ଼ଚଣା ବ୍ଲକରେ ମଣ୍ଡଳ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ବହନ କରୁଥିଲେ। ଏନେଇ ସେତେବେଳେ ଜିଲା ଶିକ୍ଷା ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ହେବାରୁ ଶିକ୍ଷା ବିଭାଗ ପକ୍ଷରୁ ଦଳେଇଙ୍କ ଜାତିଗତ ପ୍ରମାଣପତ୍ରର ଯାଞ୍ଚ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ତାଙ୍କୁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକକୁ ମଣ୍ଡଳ ଶିକ୍ଷା ଅଧିକାରୀ ଭାବେ ବଦଳି କରାଯାଇଛି । ନକଲି ପ୍ରମାଣିତ ହେଲେ ସମ୍ପୃକ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କୁ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ) (ସିସିଏ) ୧୯୬୨ ଧାରା ୧୫ ଅନୁଯାୟୀ ଚାକିରୀରୁ ବହିଷ୍କାର ଓ ଥାନାରେ ମାମଲା ରୁଜୁ କରିବା ଭଳି ଆଇନ ଯାଜପୁର ଜିଲାରେ କାଗଜକଲମରେ ସୀମିତ ରହିଛି । ଫଳରେ ପ୍ରକୃତ ମେଧାବୀ ଛାତ୍ରୀଛାତ୍ରମାନେ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ।

ଏ ସଂକ୍ରାନ୍ତରେ ଯାଜପୁର ଡିଇଓ ନିତ୍ୟାନନ୍ଦ ବାରିକଙ୍କୁ ପଚାରିବାରେ ସେ କହିଛନ୍ତି, ଜାତିଗତ ପ୍ରମାଣପତ୍ର ନଷ୍ଟ ହୋଇଥିବାର ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିଥିବା ଶିକ୍ଷକମାନଙ୍କୁ ପୁଣି ତହସିଲ କାର୍ଯ୍ୟାଳୟରୁ ଜାତିଗତ ପ୍ରମାଣପତ୍ର ଆଣି ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯିବ। ଏନେଇ କୋରେଇ ବିଇଓଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ଜାତୀୟ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରିଥିବା ପ୍ରଣବଙ୍କୁ ସମ୍ବର୍ଦ୍ଧନା


ପ୍ରଣବ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପ୍ରଣବ ଦାସଙ୍କୁ ପୂର୍ବତନ ବିଧାୟିକା ସମ୍ବର୍ଦ୍ଧିତ କରୁଛନ୍ତି।**

ଧର୍ମଶାଳା,୧୨।୩(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ପାଖର ପଞ୍ଚାୟତ ପାଖର ଗ୍ରାମର ବିକ୍ରମ ଦାସଙ୍କ ପୁଅ ପ୍ରଣବ ଦାସ ଉତ୍ତରାଖଣ୍ଡଠାରେ ଅନୁଷ୍ଠିତ ୩୮ତମ ଜାତୀୟ ବାଇଥଲନ କ୍ରୀଡ଼ା ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଅବସରରେ ଯାଦବ ଅନୁଷ୍ଠାନ ପକ୍ଷରୁ ବରୀ ବ୍ଲକର ପୂର୍ବତନ ବିଧାୟିକା ସୁନନ୍ଦା ଦାସ ବୁଧବାର ପ୍ରଣବଙ୍କ ଗାଁରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରଣବ ଯାଦବ ସମ୍ପ୍ରଦାୟର ହୋଇଥିବାରୁ ତାଙ୍କୁ ଜିଲା ଯାଦବ ସମ୍ମିଳନୀ ପକ୍ଷରୁ ସଭାପତି ରାମଚନ୍ଦ୍ର ବେହେରା ସ୍ୱାଗତ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି କାର୍ଯ୍ୟକମରେ ଭାଜପା ନେତା ଦେବେନ୍ଦ୍ର ଦାସ, ପାଖର ସରପଞ୍ଚ ସବ୍ୟସାଚୀ ଦାସ, ଯାଦବ ସଙ୍ଗଠନର କର୍ମକର୍ତ୍ତା ଭରତ ଦାସ, ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ପ୍ରଣବଙ୍କୁ ଉନ୍ନତ ପ୍ରଶିକ୍ଷଣ ଦେବା ପାଇଁ ଗ୍ରାମବାସୀ ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରିଥିଲେ।

## ଥାନୁଆଳ ପଞ୍ଚାୟତ ମେଳଣ ଉଦ୍‌ଯାପିତ


ମେଳଣରେ ସାମିଲ ହୋଇଥିବା ଦୋଳ ବିମାନ।

ଚଢ଼େଇଧରା,୧୨।୩(ଦିଲୀପ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଳ ପଞ୍ଚାୟତ ମେଳଣ ମଙ୍ଗଳବାରରାତିରୁ ଆରମ୍ଭ ହୋଇ ବୁଧବାର ମଧ୍ୟାହ୍ନରେ ଶେଷ ହୋଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ୭ ଦୋଳ ବିମାନ ଆସି ଯୋଗଦେଇଥିଲେ। ପ୍ରଥମେ ଥାନପତି ବିମାନକୁ ମେଳଣ ପଡ଼ିଆକୁ ନିଆଯାଇଥିଲା। ପରେ ଅନ୍ୟ ବିମାନ ସବୁ ରୋଷଣି କରି ମେଳଣ ପଡ଼ିଆକୁ ଯାଇଥିଲେ। ମେଳଣ ଦେଖିବାକୁ ଆଖପାଖ ଅଞ୍ଚଳରୁ ପ୍ରବଳ ଜନସମାଗମ ହୋଇଥିଲା। ଥାନୁଆଳ ପଞ୍ଚାୟତ ମେଳଣ କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୋକୁଳଧାମର ତୃତୀୟ ବାର୍ଷିକ ଉତ୍ସବ

ଜେନାପୁର,୧୨।୩(ଅଶୋକ ଦାସ); କଟକ ଜିଲା ନରସିଂହପୁର ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଗ୍ରାମରେ ଥିବା ଓଡ଼ିଶା ଗୋକୁଳଧାମ ନରସିଂହପୁର ଶାଖା ପକ୍ଷରୁ ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶାଖାର ପ୍ରତିଷ୍ଠାତା ସତ୍ୟପ୍ରିୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ପୂଜାର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୋମାତାଙ୍କୁ ପୂଜାର୍ଚ୍ଚନା ସହ ପୂଜା ବିଧି ଅନୁସାରେ ହୋମଯଜ୍ଞ କରାଯାଇଥିଲା। ଏଥିରେ ଯାଜପୁର ଜିଲାର ଧର୍ମଶାଳା ବ୍ଲକ ଅଧୀନରେ ଥିବା ଗୋମାତା ସେବା ସଙ୍ଗଠନର ସଦସ୍ୟମାନେ ଉପସ୍ଥିତ ରହି ଗୋମାତାଙ୍କୁ ବିଭିନ୍ନ ପ୍ରକାରର ଖାଦ୍ୟ ଓ ଚିକିତ୍ସା ଯୋଗାଇ ଦେଇଥିଲେ । ଏହାପରେ ଗୋମାତାଙ୍କ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା । ଏଥିରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଗୋସେବକ ଓ ସାମାଜିକ କର୍ମୀମାନେ ସାମିଲ ହୋଇଥିଲେ ।

## ବିନୋଦଙ୍କୁ ମିଳିଲା ସହାୟତା


ବିନୋଦଙ୍କୁ ସାମାଜିକ କର୍ମୀମାନେ ସହାୟତା ପ୍ରଦାନ କରୁଛନ୍ତି।

ଜେନାପୁର,୧୨।୩(ଅଶୋକ ଦାସ): ଗତ ୪ ତାରିଖ ଧରିତ୍ରୀରେ ଉଚ୍ଚତର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ବିନୋଦ କୁମାର ପାଳଙ୍କୁ ସହାୟତା ମିଳିଛି । ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ବିନୋଦ କୁମାର ପାଳ (୪୨)ଜଣେ ଦିନ ମଜୁରିଆ। ଗତ ୨ ବର୍ଷ ହେବ ସେ କିଡ୍‌ନୀ ଓ ମେରୁଦଣ୍ଡ ଜନିତ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏଥିପାଇଁ ସେ କୌଣସି କାମଧନ୍ଦା କରିପାରୁ ନାହାନ୍ତି। ଏଥିପାଇଁ ତାଙ୍କ ୨ ପିଲା ଓ ସ୍ତ୍ରୀ ଦୁଃଖକଷ୍ଟରେ ଚଳୁଛନ୍ତି । ଆର୍ଥିକ ସଙ୍କଟରୁ ତାଙ୍କୁ ଉଚ୍ଚତର ଚିକିତ୍ସା ସେବା ମିଳିପାରୁନାହିଁ। ଏହି ଖବର ପ୍ରକାଶ ପାଇବା ପରେ ଧର୍ମଶାଳା ଅଞ୍ଚଳର ଅସହାୟର ବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ବିନୋଦଙ୍କୁ ଅନୁଷ୍ଠାନର ସମ୍ପାଦକ ଗଣେଶ୍ୱର ନାୟକ ପରାମର୍ଶ କ୍ରମେ ତାଙ୍କ ପରିବାରକୁ ୨ ମାସର ରାଶନ ସାମଗ୍ରୀ ସହିତ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ରାଶନ ସାମଗ୍ରୀ ପ୍ରଦାନ ବେଳେ ସଙ୍ଗଠନର ସଦସ୍ୟ ସନ୍ତୋଷ ଦାଶ, ଲାଲୁ ପ୍ରସାଦ ରାଉତ, ରମେଶ ତରାଇ, ତପନ ସାହୁ, ନିଷ୍କାନ୍ତ ଖଟୁଆ, ଭାଗିରଥି ସାହୁ ପ୍ରମୁଖ ସାମିଲ ହୋଇଥିଲେ । ସେହିପରି ଭୁବନେଶ୍ୱରରେ ରହୁଥିବା ବରିଷ୍ଠ ସାମାଜିକ କର୍ମୀ ଅଜୟ କୁମାର ଦାସ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ଅପସାରିତ ହେଲେ ଚିତାଳୋ କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ

ଯାଜପୁର ଟାଉନ,୧୨।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଚିତାଳୋ ଡିଗ୍ରୀ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଅଦ୍ୱୈତ ପ୍ରସାଦ ମଲ୍ଲିକଙ୍କ ନାମରେ ଅର୍ଥ ହେରଫେର ଅଭିଯୋଗ ହେବାପରେ ତାଙ୍କୁ ଅଧ୍ୟକ୍ଷ ପଦରୁ ଅପସାରିତ କରାଯାଇଛି। ତାଙ୍କ ସ୍ଥାନରେ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମୁଦୁଲିଙ୍କୁ ଅବସ୍ଥାପିତ କରାଯାଇଛି। ଯାଜପୁର ଉପଜିଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଗତ ୧୧ ତାରିଖରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ମହାବିଦ୍ୟାଳୟ ଛାତ୍ରୀଛାତ୍ର ବିଭାଗର ହଷ୍ଟେଲ୍ ସମେତ ମହାବିଦ୍ୟାଳୟ ଆୟବ୍ୟୟ ୨୦୨୩-୨୪ ଓ ୨୦୨୪-୨୫ ବର୍ଷର ସ୍ୱତନ୍ତ୍ର ଅଡିଟ୍ ଦ୍ୱାରା ଯାଞ୍ଚ କରିବାକୁ ଦାବି କରିଛନ୍ତି।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ସିଂହପୁର,୧୨।୩ (ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଯୋଜିକା ଭାବେ ପୁଷ୍ପଲତା ଜେନା, ମାଷ୍ଟର ଟ୍ରେନର ଭାବେ ସରସ୍ୱତୀ ପତି ଉପସ୍ଥିତ ରହି ଯୁକ୍ତ ୩ର ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକାଅଧ୍ୟାପକ ସହଯୋଗ କରିଥିଲେ।



ଖରସ୍ରୋତା ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିରରେ ସାମିଲ ହୋଇଥିବା ଛାତ୍ରୀମାନେ।

## ଦୁର୍ନୀତି ନିବାରଣ ସଚେତନତା

ବରୀ,୧୨।୩(ମହେନ୍ଦ୍ର ସ୍ୱାଇଁ): ଦୁର୍ନୀତିର ମୂଳୋତ୍ପାଟନ କରି ସାମଗ୍ରିକ ଭାବେ ଏକ ସୁସ୍ଥ ସମାଜ ଗଠନ କରିପାରିଲେ ଏହା ଆଗାମୀ ପିଢ଼ି ପାଇଁ ଶୁଭଙ୍କର ହେବ। ଦି କରପସନ ଫ୍ରି ଓଡ଼ିଶା ପକ୍ଷରୁ ଅନୁଷ୍ଠିତ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ଗୋଲା ସମାଜର କାର୍ଯ୍ୟକାରୀ ସଭାପତି କର୍ଣ୍ଣଚନ୍ଦ୍ର ଘଡ଼ାଇ ଉଦ୍‌ଘାଟକଭାବେ ଯୋଗଦେଇ ଏହି ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦି କରପସନ ଫ୍ରି ଓଡ଼ିଶାର ଦେବ୍ରତ ସ୍ୱାଇଁ, ମୁଖ୍ୟବକ୍ତାଭାବେ ସଂଯୋଜକ ହରିହର ଦାସ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ଉଦ୍ୟମ ରହିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ।

ସମ୍ମାନିତ ଅତିଥି ଭାବେ ଚିନ୍ତାମଣି ବେହେରା, ଅଭିରାମ ମଲ୍ଲ, ତରୁଣ କୁମାର ଦାସ, ପ୍ରମୁଖ ଯୋଗଦେଇ ନିଶା ଆଜି ସଭ୍ୟ ସମାଜରେ ବିଭିନ୍ନ ପ୍ରକାର ବିଶୃଙ୍ଖଳାର କାରଣ ପାଲଟିଛି ବୋଲି କହିଥିଲେ। ଏଥିସହିତ ଚୋରା ମଦ ବ୍ୟବସାୟୀଙ୍କ ଉପରେ କଠୋର ଆଇନ ପ୍ରଣୟନ କରାଯିବାର ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ। ଗୋଲା ସମାଜର ସମ୍ପାଦକ ତରୁଣ ଦାସ, କୋଷାଧ୍ୟକ୍ଷ ଚିନ୍ତାମଣି ବେହେରା, ଅଭିରାମ ମଲ୍ଲ, ବାବାଜୀ ଚରଣ ଦାସ, ରବୀନ୍ଦ୍ର ମହାନ୍ତି, ଅନିରୁଦ୍ଧ ମଲ୍ଲ ଓ ଶିଶିର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗ୍ରାମବାସୀ ଏବଂ ଉପସ୍ଥିତ ସଦସ୍ୟମାନେ ନିଶା ଓ ଦୁର୍ନୀତି ବିରୋଧରେ ଲଢ଼ିବାକୁ ଶପଥ ପାଠ କରିଥିଲେ।


ଦୁର୍ନୀତି ବିରୋଧରେ ଲଢ଼ିବାକୁ ଶପଥ ପାଠ କରାଯାଉଛି।

## ଗ୍ରୀଷ୍ମ ଆରମ୍ଭରୁ ଜଳ ସଙ୍କଟ

- ବସୁଧା ଯୋଜନା ଦିଗହରା
- ପାଣି ପାଇଁ ଲୋକେ ଡହଳବିକଳ

କଳିଙ୍ଗନଗର,୧୨।୩(ଶୁଭାଶିଷ ରାଉତ): ଦାନଗଦି ବ୍ଲକର ବିଭିନ୍ନ ଅଞ୍ଚଳରେ ବସୁଧା ଯୋଜନା ଦିଗହରା ହୋଇଛି। ଫଳରେ ଗ୍ରୀଷ୍ମ ଆରମ୍ଭରୁ ବ୍ଲକର ବହୁ ପଞ୍ଚାୟତରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ବିଶୁଦ୍ଧ ପାଣି ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ହେଲେ ଠିକାଦାର ଅଧା କାମ କରି ବିଲ ହାତେଇ ନେବାରେ ସକ୍ଷମ ହୋଇଥିବା ଅଭିଯୋଗ ହୋଇଛି। ଗାଁ ମୁଣ୍ଡରେ ବିଭିନ୍ନ କାରଖାନା ଦ୍ୱାରା ନିର୍ମିତ ପାଣି ଟାଙ୍କି ରହିଥିଲେ ବି କାମରେ ଲାଗୁନି। କୂଅ, ପୋଖରୀରେ ଏବେଠୁ ପାଣି ଶୁଖିଗଲାଣି। ବ୍ଲକ ଅନ୍ତର୍ଗତ ଶାଳୀଜଙ୍ଗା ପଞ୍ଚାୟତ ବାଘୁଆପାଳର କାଣ୍ଡେସାହିରେ ୨୫ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଛନ୍ତି। ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ପିଇବା ପାଣିର ବ୍ୟବସ୍ଥା କରାଯାଇନାହିଁ। ଗାଁରେ ରହିଛି ଦୁଇଟି କୂଅ, ଯାହାକି ଅଧା ପୋତି ହୋଇଯାଇଛି। ଟାଟା ଷ୍ଟିଲ ପକ୍ଷରୁ ନିର୍ମାଣ ହୋଇଥିବା ଏକ ପାଣିଟାଙ୍କି ଏବେ ଅଚଳ ହୋଇ ପଡ଼ିରହିଛି। ଦୁଇ ମାଇଲ ଦୂରରେ ଥିବା ମାହାରା ସାହିରେ ରହିଛି ଏକ ମାତ୍ର ଟ୍ୟୁବୱେଲ। ସେଥିରୁ ମଧ ଭଲ ପାଣି ବାହାରୁନାହିଁ। ଗାଁରେ ୨୫ ପରିବାର ଏହି ଟ୍ୟୁବୱେଲ ଉପରେ ନିର୍ଭର କରୁଛନ୍ତି। ଗ୍ରାମବାସୀ ପିଇବା ପାଣି ପାଇଁ ବ୍ଲକକୁ ଯାଇ ଯେତେ ନେହୁରା ହେଲେବି ବିଭାଗ ପକ୍ଷରୁ କିଛି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

୨୦୧୭ରେ ଟାଟା ଷ୍ଟିଲ୍ ପକ୍ଷରୁ ସମସ୍ତଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ଏହି ଓଭରହେଡ୍ ୱାଟର ଟ୍ୟାଙ୍କ ନିର୍ମାଣ କରାଯାଇଥିଲା। ମାତ୍ର ଏହା ୪/୬ ମାସ ଚାଲିବା ପରେ ବନ୍ଦ ହୋଇଯାଇଛି। ବହୁବାର ଅଭିଯୋଗ କଲେବି ଠିକାଦାର କିମ୍ବା କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରି ଚାଲିଛନ୍ତି। ଅନ୍ୟପକ୍ଷରେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ହୀନତା ଯୋଗୁ ଗାଁରେ ବସୁଧା ଯୋଜନାରେ ଜଳ ଯୋଗାଣ ପାଇଁ ପାଇପ କାମ ଏଯାଏ ଆରମ୍ଭ ହୋଇପାରିନାହିଁ। ଫଳରେ ଶୁଦ୍ଧ ପାନୀୟ ଜଳ ଟୋପାଏ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବହୁ ପଞ୍ଚାତୟରେ ଏଭଳି ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏ ଦିଗରେ ଜିଲାପାଳ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଡିଓ ପ୍ରଦୀପ କୁମାର ସେଠୀଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।



ଅଚଳ ପାଣି ଟାଙ୍କି।

# ଜଳ ଯୋଗାଣ ସଂସ୍ଥାରେ କାମ କରୁଥିବା ଯୁବକଙ୍କୁ ହତ୍ୟା

- ଥାନାରେ ଏତଲା ଦେଲେ ପରିବାର ଲୋକେ
- ମୃତଦେହ ରଖି ରାସ୍ତାରୋକୋ

ରାଜକନିକା,୧୨।୩ (ସଞ୍ଜୟ କୁମାର ଦାଶ)



ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

ଗତ ୧ବର୍ଷ ହେବ ଏକ ଜଳ ଯୋଗାଣ ସଂସ୍ଥାରେ କାମ କରୁଥିଲେ ଖଣ୍ଡେଇତା ଗାଁର ଶ୍ରୀକାନ୍ତ ରାଉତ(୨୫) । ପୁଅକୁ ସେହି ସଂସ୍ଥାର ମାଲିକ ହତ୍ୟା କରିଥିବା ନେଇ ଥାନାରେ ମୃତକଙ୍କ ବାପା ରବିନାରାୟଣ ରାଉତ ଅଭିଯୋଗ କରିଛନ୍ତି । ବୁଧବାର ରାତିରେ କାଟଣା-ଆୟତନ ରାସ୍ତାର ଖଣ୍ଡେଇତା-ପାଣ୍ଡରୁକୋଲି ଛକରେ ପୁଅ ମୃତଦେହକୁ ରଖି ରାସ୍ତାରୋକେ କରିଛନ୍ତି ଗ୍ରାମବାସୀ ।ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ଲାଗି ରହିଛି । ପୋଲିସ ପରିସ୍ଥିତି ଆୟତ କରିବାକୁ ଉଦ୍ୟମ ଜାରି ରଖିଛି ।

ଅଭିଯୋଗ ଅନୁଯାୟୀ, ଶ୍ରୀକାନ୍ତ ରାଜକନିକା ଥାନା ଅନ୍ତର୍ଗତ କଣ୍ଟପଡା ପଞ୍ଚାୟତ ଗୋବିନ୍ଦପୁର ଗାଁରେ ଥିବା ଏକ ଜଳ ଯୋଗାଣ ସଂସ୍ଥାରେ ପ୍ରାୟ ୧ ବର୍ଷ ହେବ କାମ କରୁଥିଲେ । ଗତ ୧୦ ତାରିଖ ରାତି ପ୍ରାୟ ୮:୩୦ ସମୟରେ ପୁଅ ଦୁର୍ଘଟଣାଗ୍ରସ୍ତ ହୋଇଛି । ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ବୋଲି ପରିବାର ଲୋକେ ଖବର ପାଇଥିଲେ। ପରିବାର ଲୋକେ ଏଠାରେ ପହଞ୍ଚିବା ବେଳକୁ ପୁଅ କଟକ ସ୍ଥାନାନ୍ତର ହେଉଥିବା ଦେଖିଥିଲେ । କଟକ ବଡ଼ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ଗତ ୧୧ ତାରିଖରେ ଶ୍ରୀକାନ୍ତଙ୍କ ପରଲୋକ ଘଟିଥିଲା । ସଂସ୍ଥାର ମାଲିକ ପାଣ୍ଡରକୋଲି ଗାଁର ପ୍ରଦୀପ କୁମାର ନାୟକ ଓ ପ୍ରଭାତ କୁମାର ନାୟକ ଘଟଣାଦିନ ରାତିରେ ତାଙ୍କୁ ଘରେ ଛାଡି ଦେବା ବାହାନାରେ ଗାଡ଼ିରେ ବସାଇ ଆଣିଥିଲେ । ରାଜକନିକା ସରକାରୀ ବାଳିକା ବିଦ୍ୟାଳୟ ସଂଲଗ୍ନ ଏକ କୋଚିଂ ସେଣ୍ଟର ନିକଟରେ ପୁଅକୁ ଗାଡ଼ିରୁ ଠେଲିଦେଇ ତା' ଉପରେ ଗାଡ଼ି ମଡ଼ାଇ ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ କରଯାଇଛି । ଗୋବିନ୍ଦପୁର ଗାଁରେ ଥିବା ଜଳ ଯୋଗାଣ ସଂସ୍ଥାରେ ଅନୈତିକ କାର୍ଯ୍ୟ ହେଉଥିବା ପୁଅ ଜାଣିଥିବାରୁ ତାଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଥିବା ବାପା ରାଉତ ବୁଧବାର ଥାନାରେ ସଂସ୍ଥାର ମଲିକଙ୍କ ନାମରେ ଅଭିଯୋଗ ଆଣିଛନ୍ତି । ରାସ୍ତାରୋକେ ଖବରପାଇ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛି। ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକେ ଚାଲିଛି। ଏତଲା ଆଧାରରେ ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଲିକ କହିଛନ୍ତି।

# ଜଙ୍ଗଲ ଜମିରେ ବେଆଇନ ଘର ନିର୍ମାଣ

ମହାକାଳପଡ଼ା,୧୨।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ରାମନଗରଠାରେ ଜଙ୍ଗଲ ଜମିରେ ନିର୍ମାଣ ହେଉଥିବା ଘର ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ବହୁ ସଂଖ୍ୟାରେ ବେଆଇନ ଘର ଜଙ୍ଗଲ ଜମିରେ ନିର୍ମାଣ ଚାଲିଛି । ରାଜସ୍ୱ ଓ ବନ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆଢୁଆଳରେ ଏପରି ଦୋକାନ ଗୃହ ନିର୍ମାଣ କରାଯାଉଛି । ରାଜସ୍ୱ ବିଭାଗ ଓ ବନ କର୍ମଚାରୀଙ୍କୁ ହାତ ଏହି ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ଆଲୋଚନା ହେଉଛି । ସେହିପରି ରାମନଗର ଅଞ୍ଚଳରେ ବେଆଇନ ଭାବେ ଜଙ୍ଗଲ ଜମିରେ ଗୃହ ନିର୍ମାଣ ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କେତେଜଣ ବ୍ୟବସାୟୀ ଜଙ୍ଗଲ ଜମିରେ ଗୃହ ନିର୍ମାଣ କରି ସ୍ଥାୟୀ ପଟ୍ଟା ହାତେଇଛନ୍ତି। ଅପରପକ୍ଷେ ଜଙ୍ଗଲ ଜମିକୁ ଅଘୋଷିତ ବିକ୍ରି ଖର୍ଦ୍ଦି କରାଯାଇଛି। ସେହି ଜମିକୁ

## ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ

ଡେସିମିଲ ପିଛା ୫ରୁ ୧୦ଲକ୍ଷ ଟଙ୍କା କିଣାବିକା ଚାଲିଛି। ଏ ସଂକ୍ରାନ୍ତରେ ମହାକାଳପଡ଼ା ତହସିଲଦାର ଶିବ ମଲିକଙ୍କୁ ପଚାରିବାକୁ ଏ ସଂକ୍ରାନ୍ତରେ ଅଭିଯୋଗ ମିଳିବା ପରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

# କେସିସିଏଲରେ ଅନିୟମିତତା ନେଇ ଅଭିଯୋଗ

ପଟ୍ଟାମୁଣ୍ଡାଇ, ୧୨।୩ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମଙ୍ଗଳା ମଣ୍ଡପ ଠାରେ କେସିସିଏଲର ପୂର୍ବତନ ନିର୍ଦ୍ଦେଶକ ବ୍ରଜବନ୍ଧୁ ଦାଶ ଏକ ଖବରଦାତା ସମ୍ମିଳନୀ କରି କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରଟିଭ ସୋସାଇଟ ଲିମିଟେଡ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ ୨୦୦୧ରୁ ଆରମ୍ଭ ହୋଇଥିବା କେସିସିଏଲ ଏବେ ବିଭିନ୍ନ ଅନିୟମିତତା ଦେଇ ଗତି କରୁଛି। ଏବେ କେସିସିଏଲ କର୍ତ୍ତୃପକ୍ଷ ଏହି ସୋସାଇଟକୁ ସାହୁ ଆଣ୍ଡ କମ୍ପାନୀ ଭାବେ ପରିଚାଳିତ କରୁଛନ୍ତି। ଯାହା ଆଗାମୀଦିନରେ ଏକ ଚିଟ୍‌ଫଣ୍ଡ ସୋସାଇଟରେ ପରିଣତ ହେବାର ଆଶଙ୍କା ସୃଷ୍ଟି କରୁଛି। ଯଦି ସରକାର ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବେ ଏହି ସଂସ୍ଥାର ସତ୍ୟାସତ୍ୟ ପଦାକୁ ଆସିବା ସହ ସୋସାଇଟର ଜମାକାରୀ ଓ ସଭ୍ୟାସଭ୍ୟ ଉପକୃତ ପାଇ ପାରିବେ ବୋଲି ସେ କହିବା ସହ ବିଭିନ୍ନ କାଗଜପତ୍ର ଖବରଦାତାମାନଙ୍କୁ ଦେଖାଇଥିଲେ। ଏହି ସମ୍ମିଳନୀରେ କେସିସିଏଲର ପୂର୍ବତନ ସଭ୍ୟ ଶରତ ଦାଶ, ଭଗୀରଥି ଜେନା ଉପସ୍ଥିତ ଥିଲେ। ଏ ନେଇ କେସିସିଏଲ ସଭାପତି ପ୍ରମୋଦ କୁମାର ସାହୁଙ୍କୁ ପଚାରିବାରେ ଏହା ଏକ ଭିତ୍ତିହୀନ ଟିପଣି। ସରକାରଙ୍କ ସମସ୍ତ ନିତିନିୟମ ଅନୁପାଳନ କରୁ କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରଟିଭ ସୋସାଇଟ ଲିମିଟେଡ ପରିଚାଳନା କରାଯାଉଛି।

# ନୃତ୍ୟଗୀତରେ ଝୁମିଲେ ଦର୍ଶକ




ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

ରାଜନଗର,୧୨।୩ (ଭାସ୍କର ରାଉତରାୟ)

## ସାଗର ବେଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ରାଜନଗର ବ୍ଲକର ପେଣ୍ଠ ବେଳାଭୂମିରେ ଷଷ୍ଠ ସାଗରବେଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ସାଗରବେଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବିଏମ୍‌ସିର ଡେପୁଟି କମିଶନର ଡ.ରାଜଲକ୍ଷ୍ମୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜନଗର କଳା, ସଂସ୍କୃତି, ସାହିତ୍ୟ, ଐତିହ୍ୟ, ପରମ୍ପରାର ମାଟି। ଭିତରକନିକା , ଗହୀରମଥା ଓ ପେଣ୍ଠବେଳାଭୂମି ଭଳି ପ୍ରାକୃତିକ ସମ୍ପଦ ଆମକୁ ପରିଚୟ ଦେଇଛି। ଆମର ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀକୁ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ସାଗରବେଳା ମହୋତ୍ସବ ପ୍ରମୁଖ ମାଧ୍ୟମ ହୋଇପାରିଛି ବୋଲି କହିଥିଲେ। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦର ସଭାପତି ଡ. ଅଭୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ମୁଖ୍ୟବକ୍ତା ଭାବେ ବାଣିଜ୍ୟକର ଡେପୁଟି କମିଶନର ଡ. ପଦ୍ମଲୋଚନ ରାଉତ , ସମ୍ମାନୀତ ଅତିଥି ସମାଜିକ କର୍ମୀ ରଜନୀକାନ୍ତ ଜେନା ଯୋଗଦେଇ ଭିତରକନିକାର ପ୍ରାକୃତିକ ବିଭବ ଆମକୁ ବିଶ୍ୱ ଦରବାରରେ ପରିଚିତ କରାଇଛି ବୋଲି କହିଥିଲେ । ଅଧାପିକା ଭଗବତୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୈଳାସ ଚନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ନୃତ୍ୟ ସାଧନା ଡ୍ୟାନ୍ସ ଏକାଡେମୀ ଖୋର୍ଦ୍ଧା ଓ ରୟାଲ ଡ୍ୟାନ୍ସ ଏକାଡେମୀ କେନ୍ଦ୍ରାପଡ଼ା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ନୃତ୍ୟଗୀତରେ ଦର୍ଶକମାନେ ଝୁମିଥିଲେ। ଗୁଣାତ୍ମକ ଶିକ୍ଷାଦାନ ଓ ପରିବେଶ କ୍ଷେତ୍ରରେ ସଚେତନତା ପାଇଁ ବଳରାମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କଳ୍ପତରୁ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୨ ଅଲିଭରିଡ୍‌ଲେ କଇଁଛ ଦେହରେ ସାଟେଲାଇଟ ଟ୍ୟାଗିଂ

ରାଜନଗର,୧୨।୩(ଭାସ୍କର ରାଉତରାୟ)

## ଗତିବିଧି ନିରୀକ୍ଷଣ କରିବ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ

ପରିବେଶ ସନ୍ତୁଳନ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଗତିବିଧି ଓ ଜୀବନଶୈଳୀ ଏବେ ବି ରହସ୍ୟାବୃତ୍ତ ହୋଇରହିଛି। ଓଡ଼ିଶା ଉପକୂଳର ଗହୀରମଥାକୁ ଏହି ବିରଳ ଅଲିଭରିଡ୍‌ଲେ କଇଁଛ କାହିଁକି ଓ କେଉଁଠୁ ଆସନ୍ତି ତଥା ଗହୀରମଥାରେ ଲକ୍ଷାଧିକ ସଂଖ୍ୟାରେ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ କେମିତି ସାମିଲ ହୁଅନ୍ତି ତାହା ଏବେ ବି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ଜନ୍ମ ହେବା ପରେ କଇଁଛ ଶାବକ ଓ ଅଣ୍ଡା ଦେବାକୁ ଆସୁଥିବା ପ୍ରାପ୍ତ ବୟସ୍କ କଇଁଛଙ୍କୁ ଆଜି ଯାଏ ଦେଖିବାକୁ ମିଳୁଥିବା ବେଳେ ବାଲ୍ୟ ଓ ଯୁବାବସ୍ଥାର କଇଁଛଙ୍କୁ ଆଜି ଯାଏଁ କେଉଁଠି ଦେଖିବାକୁ ମିଳିନାହିଁ, ଯାହାକି ଅଲିଭ ରିଡଲେଙ୍କ ଜୀବନଶୈଳୀର ରହସ୍ୟାବୃତ୍ତ ଦିଗ ହୋଇ ରହିଛି । ଏହି ରହସ୍ୟ ଭେଦ କରିବା ପାଇଁ ଦୀର୍ଘ ବର୍ଷ ପରେ ଅଲିଭରିଡଲେ କଇଁଛଙ୍କ ଦେହରେ ସାଟେଲାଇଟ ଟ୍ୟାଗିଂ କରାଯାଇଛି। ବୁଧବାର ଗହୀରମଥାର ନାସୀରେ ସାଟେଲାଇଟ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ଅଧିକାରୀମାନେ ପହଞ୍ଚି ୨ ଅଲିଭରିଡଲେ କଇଁଛଙ୍କ ଦେହରେ ସାଟେଲାଇଟ ଟ୍ୟାଗିଂ କରିଛନ୍ତି। ସାଟେଲାଇଟ ଟ୍ୟାଗିଂ ହୋଇଥିବା ଅଲିଭରିଡଲେ କଇଁଛ ଗହୀରମଥାରୁ ଅଣ୍ଡା ଦେଇ ସାରିବା ପରେ କେଉଁଠାକୁ ଫେରୁଛନ୍ତି, କେତେ ସମୁଦ୍ର ଗଭୀରକୁ ଯାଉଛନ୍ତି, କ'ଣ କରୁଛନ୍ତି, ସେମାନେ ଜୀବ ଓ ଫେରିବା ସମୟକୁ ବାଦ ଦେଲେ କେଉଁଠାରେ ରହୁଛନ୍ତି ତା'ର ଗତିବିଧି ସାଟେଲାଇଟ ମାଧ୍ୟମରେ ଡେରାଡୁନର ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ପକ୍ଷରୁ ଅନୁଧ୍ୟାନ କରାଯିବ । ଚଳିତ ବର୍ଷ ଗହୀରମଥାରେ ୬,୦୬,୯୩୩ ଅଲିଭରିଡଲେ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ନାସୀ-୨ରେ ୩,୧୧,୪୮୩ କଇଁଛ ଅଣ୍ଡା ଦେଇଥିବା ବେଳେ ୩୩ବର୍ଷପରେ ଏକକୂଳା ନାସୀରେ ୨,୯୫,୪୫୦ କଇଁଛ ଗଣ ଅଣ୍ଡାଦାନ କରିଛନ୍ତି । ମାଆ କଇଁଛମାନେ ଅଣ୍ଡା ଦେବା ପାଇଁ ବାଲୁକା ଶଯ୍ୟାକୁ ଆସୁଥିବା ବେଳେ ପୁରୁଷ କଇଁଛମାନେ ଜୀବନ ବ୍ୟାପୀ ସମୁଦ୍ରରେ ହିଁ ରହିଥାନ୍ତି । ଚଳିତ ବର୍ଷ ଗହୀରମଥାରେ ୧୦ଟି ଟ୍ୟାଗିଂ କଇଁଛ ଅଣ୍ଡା ଦେବାର ଦେଖାଯାଇଥିଲା।

# ରାଜ୍ୟସ୍ତରୀୟ ଉତ୍ସବରେ ଯୁକ୍ତ ୩ ଛାତ୍ରୀ ସମ୍ମାନିତ




ସୁଜାତା ପାତ୍ରଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ପୁରସ୍କୃତ କରୁଛନ୍ତି।

ରାଜକନିକା,୧୨।୩(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ଯୁକ୍ତ ୩ କଳା ଇଂଲିଶ ସମ୍ମାନ ଶେଷ ବର୍ଷର ଛାତ୍ରୀ ତଥା ଏବିଭିପି କଲେଜ କମ୍ପାସ ୟୁନିଟର ସମ୍ପାଦିକା ସୁଜାତା ପାତ୍ର ଯୁବ ରେଡ଼କ୍ରସ ଓ କନିଷ୍ଠ ରେଡ଼କ୍ରସ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱର ରାଜଭବନର ନୂଆ ଅଭିଷେକ ପ୍ରେକ୍ଷାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ୱାଇଆରସି ଆୱାର୍ଡ ୨୦୨୩-୨୪ କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। ସମାଜ ପ୍ରତି ଥିବା ସ୍ୱେଚ୍ଛାକୃତ ସେବା ମନୋଭାବ ନିଷ୍ଠା ଓ ସଦ୍‌ଭାବନା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସେ ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତ ବଡଯୋରମୁହଁ ଗାଁର ଶୁକଦେବ ପାତ୍ର ଓ ସୁଧାଂଶୁବାଳାଙ୍କ ସୁପୁତ୍ରୀ। ସେ ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରୁ ୧୦ମ ପାସ୍ ପରେ କୋରାପୁଟ ବିଜ୍ଞାନ ଇଣ୍ଟରନ୍ୟାଶନାଲରୁ ଯୁକ୍ତ ୨ ବିଜ୍ଞାନରେ ପାସ୍ କରି ଏବେ ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ଯୁକ୍ତ ୩ କଳା ଇଂଲିଶ ସମ୍ମାନ ଶ୍ରେଣୀର ଶେଷ ବର୍ଷର ଛାତ୍ରୀ। ସେ ଏହି ସମ୍ମାନ ପାଇବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପରିସରରେ ଜାତୀୟ ସୁରକ୍ଷା ସପ୍ତାହ

ପାରାଦୀପ,୧୨।୩(ଶରତ ରାଉତ)

ପାରାଦୀପସ୍ଥିତ ଜେଏସ୍‌ଡବ୍ଲୁ ପକ୍ଷରୁ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। କମ୍ପାନୀ ପରିସରରେ ଆୟୋଜିତ ସମାରୋହରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକ, କର୍ମଚାରୀ, ଅଧିକାରୀ ନିଜ ନିଜର ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। କାରଣ ନିଜର ଜୀବନ ସୁରକ୍ଷା ନିଜ ପରିବାର ପାଇଁ ଯଥେଷ୍ଟ ମୂଲ୍ୟବାନ ବୋଲି କହିଥିଲେ। ଏହି ଅବସରରେ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ଭାଷାରେ ସ୍ଲୋଗାନ ଲିଖନ, ପ୍ରବନ୍ଧ ଲିଖନ, କୁଇଜ ପ୍ରତିଯୋଗିତା, ପୋଷ୍ଟର ଅଙ୍କିବା, ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀତ୍ୱ ଅର୍ଜନ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ସବରେ ଜେଏସ୍‌ଡବ୍ଲୁ ପାରାଦୀପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟ କରୁଥିବା ସମସ୍ତ ଠିକାଦାର ସଂସ୍ଥା, ଶ୍ରମିକ, କର୍ମଚାରୀ ଓ ବିଭାଗୀୟ ମୁଖ୍ୟ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଡାଇମଣ୍ଡ ଜୁବୁଲି ଲାଇବ୍ରେରିକୁ ଇ-ଲାଇବ୍ରେରି ପାଇଁ ଦାବି

କେନ୍ଦ୍ରାପଡ଼ା, ୧୨।୩ (ଜଗନ୍ନାଥ ଧଳ)

ଇଂଲଣ୍ଡ ସାମ୍ରାଜ୍ଞୀ ରାଣୀ ଭିକ୍ଟୋରିଆଙ୍କ ହୀରକ ଜୟନ୍ତୀ ୧୮୯୭ ମସିହାରେ ପାଳନ ହୋଇଥିଲା । ଏହି ଅବସରରେ କେନ୍ଦ୍ରାପଡ଼ା ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ଡାଇମଣ୍ଡ ଜୁବୁଲି ଲାଇବ୍ରେରି ସ୍ଥାପନ ହୋଇଥିଲା । ଏହି ଐତିହ୍ୟ ସ୍ମାରକୀରେ ଥିବା ପୁସ୍ତକକୁ ଡିଜିଟାଇଲାଇଜେଶନ କରିବାକୁ ଜୁବୁଲି ପାଠାଗାର ବଞ୍ଚାଅ କମିଟି ପକ୍ଷରୁ ଦାବି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରକୁ ଜିଲା ପ୍ରଶାସନକୁ ଚିଠି ମାଧ୍ୟମରେ ପଠାଯାଇଛି। ଏ ସମ୍ପର୍କରେ ନିଖିଳ ଓଡ଼ିଶା ତୁଳସୀ ବଳରାମ ସାମାଜିକ, ସାଂସ୍କୃତିକ ପରିଷଦ ସଭାପତି ଆଇନଜୀବୀ ନେପାଳ ପ୍ରକାଶ ସାମନ୍ତ କହିଛନ୍ତି, ଏହି ଲାଇବ୍ରେରିରେ ୭ ହଜାରରୁ ଊର୍ଦ୍ଧ୍ୱ ପୁରୁଣା ପୁସ୍ତକ ଅଛି। ଏହାସତ୍ତ୍ୱେ ପାଠକ ସଂଖ୍ୟା ସମିତ ରହିଛି। ବହୁ ଜ୍ଞାନଗର୍ଭକ ପୁସ୍ତକ ରହିଥିବାରୁ ଏହାର ପ୍ରଚାର ପ୍ରସାର ଜରୁରୀ ହୋଇଛି। ଏହାକୁ ଡିଜିଟାଇଲାଇଜେଶନ କରାଗଲେ ସାମ୍ପ୍ରତିକ ସମୟ ଉପଯୋଗୀ ହୋଇପାରିବ ବୋଲି ଆଇନଜୀବୀ ସାମନ୍ତ ପ୍ରକାଶ କରିଛନ୍ତି।

# ଜଣେ ହିନ୍ଦୀ ଶିକ୍ଷକରେ ଚାଲିଛି ହାଇସ୍କୁଲ

ରାଜନଗର,୧୨।୩ (ଭାସ୍କର ରାଉତରାୟ)

## ଶିକ୍ଷକ ନିଯୁକ୍ତି ପାଇଁ ପଞ୍ଚାୟତବାସୀଙ୍କ ଦାବି

ରାଜନଗର ବ୍ଲକରେ ଶିକ୍ଷାକ୍ଷେତ୍ରରେ ବିଚିତ୍ର ଅବସ୍ଥା ସୃଷ୍ଟି ହୋଇଛି। ହାଇସ୍କୁଲରେ ଜଣେ ମାତ୍ର ହିନ୍ଦୀ ଶିକ୍ଷକରେ ପାଠପଢା ଚାଲିବା ଘଟଣା ସବୁ ମହଲକୁ ଆନ୍ଦୋଳିତ କରୁଛି। ସମସ୍ତ ବିଷୟରେ ଶିକ୍ଷକ ନ ଥିବା ବେଳେ କେବଳ ଜଣେ ମାତ୍ର ହିନ୍ଦୀ ଶିକ୍ଷକ ପ୍ରଧାନଶିକ୍ଷକ ଦାୟିତ୍ୱ ସହିତ ସମସ୍ତ ବିଷୟ କିପରି ପଢାଉଥିବେ ତାହା ଅନୁମେୟ। ବିନା ଶିକ୍ଷକରେ ଏବର୍ଷ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିବାରୁ ଅଭିଭାବକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୁଧବାର ଅଭିଭାବକ ଓ ପଞ୍ଚାୟତବାସୀ କେନ୍ଦ୍ରପଡ଼ା ଜିଲ୍ଲାପାଳ, ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ, ଜିଲା ଶିକ୍ଷାଧିକାରୀଙ୍କୁ ଶିକ୍ଷା ବର୍ଷ ଆରମ୍ଭ ପୂର୍ବରୁ ଶିକ୍ଷକ ନିଯୁକ୍ତି କରିବା ପାଇଁ ଦାବି କରିଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ରାଜନଗର ବ୍ଲକ ସାନବଡ ଗୋପାଳପୁର ପଞ୍ଚାୟତ ଭାଟପଡାଠାରେ ରହିଛି ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ। ୧୯୮୨ରେ ଏହି ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ସାନବଡ଼ ଗୋପାଳପୁର ପଞ୍ଚାୟତର ଏହା ଏକମାତ୍ର ହାଇସ୍କୁଲ। ଏହି ପୁରାତନ ବିଦ୍ୟାଳୟରେ ଏବେ ଶିକ୍ଷକ ମରୁଡ଼ି ଯୋଗୁ ଛାତ୍ରୀଛାତ୍ରମାନଙ୍କ ବିଶ୍ୱାସ ତୁଟିବାରେ ଲାଗିଛି । ଏହି ବିଦ୍ୟାଳୟରେ ପୂର୍ବରୁ ଶତାଧିକ ଛାତ୍ରୀଛାତ୍ରପାଠ ପଢୁଥିବା ବେଳେ ୧୦ଜଣ ଶିକ୍ଷକ ଓ ୩ଜଣ ପିଅନ ଥିଲେ। ମାତ୍ର ଜଣଙ୍କ ପରେ ଜଣେ ଅବସର ନେବା ପରେ ବିଦ୍ୟାଳୟରେ ଏବେ କେବଳ ହିନ୍ଦୀ ଶିକ୍ଷକଙ୍କୁ ବାଦ ଦେଲେ ଅନ୍ୟ କୌଣସି ଶିକ୍ଷକ ନାହାଁନ୍ତି କିମ୍ବା କର୍ମଚାରୀ ନାହାଁନ୍ତି। ୨୦୨୩ ଜୁଲାଇରେ ବିଜ୍ଞାନ ଶିକ୍ଷକ ଅବସର ନେଇଥିବା ବେଳେ ୨୦୨୪ ଜାନୁଆରୀରେ ଖେଳ ଶିକ୍ଷକ ଅବସର ନେଇଛନ୍ତି । ଏବେ କେବଳ ହିନ୍ଦୀ ଶିକ୍ଷକ ବିଦ୍ୟାଳୟରେ ସବୁ ଦାୟିତ୍ୱରେ ଅଛନ୍ତି । ପ୍ରଧାନଶିକ୍ଷକ ଦାୟିତ୍ୱ ସହିତ ସରକାରୀ କାର୍ଯ୍ୟ, ଘର ସଫାସୁତୁରା ସବୁ କାମ ହିନ୍ଦୀ ଶିକ୍ଷକ ହିଁ କରୁଛନ୍ତି । ବିଦ୍ୟାଳୟରେ ଶିକ୍ଷକ ନ ଥିବାରୁ ପିଲା ଆଉ ନାମ ଲେଖାଉ ନାହାଁନ୍ତି। ବିଦ୍ୟାଳୟର ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଏ ନେଇ ବାରମ୍ବାର ଲିଖିତ ଭାବେ ଶିକ୍ଷାମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲା ଶିକ୍ଷାଧିକାରୀଙ୍କ ଯାଏ ସମସ୍ତଙ୍କୁ ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ଜଣାଇଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି। ସରକାର ଜାତୀୟ ଶିକ୍ଷାନୀତି ଲାଗୁ ଯାଉଥିବା ବେଳେ ହାଇସ୍କୁଲର ଜଣେ ମାତ୍ର ହିନ୍ଦୀ ଶିକ୍ଷକରେ ଚାଲିବା ଘଟଣା ଉଦ୍‌ବେଗ ସୃଷ୍ଟି କରିଛି। ତୁରନ୍ତ ଏହି ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦେବାକୁ ସାନବଡ ଗୋପାଳପୁର ପଞ୍ଚାୟତର ବସନ୍ତ କୁମାର ସେଠୀ, ଧର୍ମାନନ୍ଦ ପରିଡ଼ା, ଶରତ ମହାନ୍ତି , କଳ୍ପତରୁ ଜେନା, ବ୍ରଜମୋହନ ପ୍ରଧାନ, ବୈକୁଣ୍ଠ ପ୍ରଧାନ, ଶରତ କୁମାର ସେଠୀ ପ୍ରମୁଖ ଶତାଧିକ ଅଭିଭାବକ ଦାବି କରିଛନ୍ତି।

# ପାରାଦୀପଗଡ଼ ପଞ୍ଚାୟତରେ ମହିଳା ଦିବସ

କୁଜଙ୍ଗ, ୧୨।୩ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ପାରାଦୀପଗଡ ପଞ୍ଚାୟତରେ ବୁଧବାର ଅନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ ଆର୍ସେଲର ମିତ୍ତଲ ଓ ନିପ୍ପନ୍ ଷ୍ଟିଲ କମ୍ପାନୀ ସହାୟତାରେ ପାଳିତ ହୋଇଯାଇଛି। ସରପଞ୍ଚ ସସ୍ମିତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କବୟିତ୍ରୀ ଗୋଲାପ ରାଣୀ ସାହୁ ଯୋଗଦେଇ ମହିଳାମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ସ୍ୱାବଲମ୍ବୀ ହେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଆର୍ସେଲର ମିତ୍ତଲ ଓ ନିପ୍ପନ ଷ୍ଟିଲ କମ୍ପାନୀର ସିଏସଆର୍ ପାରାଦୀପ ମୁଖ୍ୟ ଦେବାଶିଷ ସ୍ୱାଇଁ, ସିଆର୍‌ପି ସତ୍ୟଭାମା ସ୍ୱାଇଁ ଓ ରେବତୀ ସ୍ୱାଇଁ, ୱାର୍ଡ ସଭ୍ୟା କଳ୍ପନା ଦାସ ପ୍ରମୁଖ ଯୋଗଦେଇଥିଲେ। ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଓ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପରି ହେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରିୟତମା ସେନାପତି ସଭାକାର୍ଯ୍ୟ ସଞ୍ଚାଳନ କରିଥିବା ବେଳେ ରଶ୍ମିବାଳ ସିଂହ ଧନ୍ୟବାଦ ଦେଇଥିଲେ।

# ଚାଟରା, କୁଶିଆପାଳ ଦୋଳ ମେଳଣ ଉଦ୍‌ଯାପିତ





ମେଳଣକୁ ବିମାନରେ ଆସିଥିବା ଠାକୁର।

ଡେରାବିଶ,୧୨।୩ (ବେବର୍ତ୍ତା ଅଜୟ ଦାସ)

ରବିବାର ପଗୁ ଦଶମୀ ତିଥି ଅବସରରେ ଡେରାବିଶ ବ୍ଲକର ବିଭିନ୍ନ ଅଞ୍ଚଳରେ ଦୋଳ ମେଳଣ ଅନୁଷ୍ଠିତ ହେଉଛି। ଏହି ଅବସରରେ ବ୍ଲକ୍ ଅଧୀନ ଚାଟରାଚକଡ଼ା ପଞ୍ଚାୟତର ଚାଟରାଠାରେ ମଙ୍ଗଳବାର ରାତିରୁ ଆରମ୍ଭ ହୋଇଥିବା ଦୋଳ ମେଳଣ ବୁଧବାର ପୂର୍ବାହ୍ନରେ ଉଦ୍‌ଯାପିତ ହୋଇଛି। ଏହି ମେଳଣର ଥାନପତି ଚାଟରାମଠାରୁ ଆସୁଥିବା ବିମାନ ମଙ୍ଗଳବାର ବ୍ରାହ୍ମ ମୁହୂର୍ତ୍ତରେ ମେଳଣ ପଡିଆରେ ଉପବେଶନ କରିବା ପରେ ମେଳଣକୁ ଆସୁଥିବା ୧୭ ବିମାନରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଘଣ୍ଟ, ସଂକୀର୍ତ୍ତନ ଓ ପାରମ୍ପରିକ ବାଦ୍ୟ ଶୋଭାଯାତ୍ରାରେ ପଟୁଆର ମଧ୍ୟରେ ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ରାଜାରାଜୁଡା ସମୟରୁ ଏହି ମେଳଣ ଆଜି ରାଜାଙ୍କ ଇଲାକାରେ ହେଉଥିବାରୁ ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥାଏ। କେବଳ ଭୋଗ ଡାଲା ନୈବେଦ୍ୟ ହେବା ପରେ ମେଳଣ ଶେଷ ହୋଇଥିଲା। ମେଳଣକୁ ଲକ୍ଷ୍ମୀକାନ୍ତ ମହାନ୍ତି, ପ୍ରସନ୍ନ କୁମାର ମିଶ୍ର, ଅନନ୍ତ କିଶୋର ପଣ୍ଡା, ସୁଶାନ୍ତ କୁମାର ମିଶ୍ରଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ। ସେହିପରି ବ୍ଲକ ଅଧୀନ କୁଶିଆପାଳ ଗ୍ରାମସ୍ଥିତ ମା' କ୍ଷେତ୍ରକାଳୀଙ୍କ ପୀଠରେ ମଙ୍ଗଳବାର ଏହି ମେଳଣ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବାଲିପାଟଣାର ଶ୍ରୀ ଲଛମନଜୀଉଙ୍କ ବିମାନ ମେଳଣ ପଡ଼ିଆରେ ଉପବେଶନ କରିଥିଲେ। ପରେ ଅନ୍ୟ ବିମାନଗୁଡ଼ିକ ପାରମ୍ପରିକ ଘଣ୍ଟ,ସଂକୀର୍ତ୍ତନ ଓ ବାଦ୍ୟରେ ତାଳେ ତାଳେ ପଡିଆକୁ ପ୍ରବେଶ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ପରିଚାଳିତ ଏହି ମେଳଣ ଚଳିତ ବର୍ଷ ଶୃଙ୍ଖଳାର ସହ ବୁଧବାର ପୂର୍ବାହ୍ନରେ ଶେଷ ହୋଇଥିଲା।

# ଲଣ୍ଠନ ଧରି ଶ୍ରମିକଙ୍କ ପ୍ରତିବାଦ

ନୟାଗଡ଼,୧୨।୩(ଲୋକନାଥ ମିଶ୍ର)


ଲଣ୍ଠନ ଧରି ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ ଧାରଣା ଦେଇଛନ୍ତି।

■ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଭିତରେ ଧାରଣା
■ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ସରକାରୀ ଅନୁଦାନ ତୁରନ୍ତ ବଣ୍ଟନ, ଅଫିସର ଗାଁ ମୁହାଁ ହୋଇ ଶ୍ରମିକ ଚିହ୍ନଟ କରିବା, ଶ୍ରମିକ ନିର୍ଯାତନା ବନ୍ଦ କରିବା ଓ କାର୍ଯ୍ୟାଳୟରେ ଶ୍ରମିକଙ୍କ ପାଇଁ ବିଶ୍ରାମ ଗୃହ ସୁବିଧା ଆଦି କରାଇବା ଦାବି ନେଇ ନୟାଗଡ଼ ଜିଲା ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଭିତରେ ଲଣ୍ଠନ ଧରି ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲାନ। ନୟାଗଡ଼ ଜିଲା ଟ୍ରେଡ୍ ୟୁନିୟନ ସମନ୍ୱୟ କମିଟି ପକ୍ଷରୁ ଏହି ଆନ୍ଦୋଳନ ହୋଇଥିଲା। ଆନ୍ଦୋଳନ ସମୟରେ ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ପୂର୍ବର ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ପ୍ରତିଶ୍ରୁତି ପାଇବା ପରେ ବୁଧବାର ସାଢ଼େ ୧୨ଟାରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଅପରାହ୍ନ ୩ଟାରେ ପ୍ରତ୍ୟାହୃତ ହୋଇଥିଲା ।

ଏନେଇ ନୟାଗଡ଼ ଜିଲା ଟ୍ରେଡ୍ ୟୁନିୟନ ସମନ୍ୱୟ କମିଟି ଚେୟାରମ୍ୟାନ ଶୂନ୍ୟବିଜୟୀ ମିଶ୍ର କୁହନ୍ତି, ନୟାଗଡ଼ରେ ଶ୍ରମିକମାନେ ଦୀର୍ଘ ବର୍ଷ ହେଲା ବିବାହ, ମୃତ୍ୟୁ, ଶିକ୍ଷା ସହାୟତା ନିମନ୍ତେ ଆବେଦନ କରିଥିଲେ ମଧ୍ୟ ସରକାରୀ ସହାୟତା ପାଉନାହାନ୍ତି । କେତେଜଣ ଶ୍ରମିକ ସହାୟତାକୁ ଚାହିଁ ଆଖି ବୁଜି ସାରିଲେଣି। ଅନ୍ୟପକ୍ଷେ ନିର୍ମାଣ ଶ୍ରମିକ, ଅଣ ସଙ୍ଗଠିତ ଶ୍ରମିକ ପଞ୍ଜିକରଣ କରାଯାଉ ନ ଥିବାବେଳେ ନବୀକରଣ କରାଯାଉନାହିଁ। ହାତଗୁଞ୍ଜା ନ ଦେଲେ ପଞ୍ଜିକରଣ କରାଯାଉନି । ଅଧିକାରୀମାନେ କେତେଜଣ ଲୋକଙ୍କୁ ଏଥିପାଇଁ ନିଯୁକ୍ତି କରି ଭଲ ଟଙ୍କା ରୋଜଗାର କରୁଛନ୍ତି। ଶ୍ରମିକମାନେ ସରକାରୀ ସହାୟତାରୁ ବଞ୍ଚିତ ହେଉଥିବାରୁ ସବୁବେଳେ ଆନ୍ଦୋଳନ କରିବାକୁ ବାଧ ହେଉଛନ୍ତି । ନୟାଗଡ଼ ହରେକୃଷ୍ଣପୁର ଶ୍ରମିକ ନେତା ରଘୁନାଥ ମହାରଣା କୁହନ୍ତି, ଗାଁମୁହାଁ ହୋଇ ଅଫିସରମାନେ ଅଣସଙ୍ଗଠିତ ଶ୍ରମିକ ଓ ନିର୍ମାଣ ଶ୍ରମିକ କାର୍ଡ କରାଇବା ପାଇଁ ସରକାରୀ ନିୟମ ଅଛି । ତେବେ ଶ୍ରମ ଅଧିକାରୀ ଓ କର୍ମଚାରୀମାନେ ଗାଁକୁ ନ ଯାଇ ଅଫିସରେ ବସି ଶ୍ରମିକମାନଙ୍କୁ ବାରମ୍ବାର ଦୌଡାଉଛନ୍ତି । ତେବେ କାର୍ଡ ପଞ୍ଜିକରଣ କରିବାରେ ସମୟ ଗଡାଇ ଚାଲୁଛନ୍ତି । ଜଣେ ଶ୍ରମିକ ବାରମ୍ବାର ଅଫିସକୁ ଆସି ଫେରିବା ପରେ ଆଉ ନାଁ ପଞ୍ଜିକରଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଏଣୁ ଶ୍ରମ କାର୍ଯ୍ୟାଳୟ ଆଗରେ ବାରମ୍ବାର ଧାରଣା, ବିକ୍ଷୋଭ ହେଉଛି । ପ୍ରଶାସନ ଓ ସରକାର ଏଥିପ୍ରତି ନଜର ଦେବା ଦରକାର ।

ଖଣ୍ଡପଡ଼ାର ଶ୍ରମିକ ଯୁବରାଜ ନାୟକ କୁହନ୍ତି, ୨୦୨୫-୨୬ ଆର୍ଥିକ ବର୍ଷରେ ନୟାଗଡ଼ ଜିଲା ପାଇଁ ୧୦ କୋଟି ଟଙ୍କା ଖର୍ଚ୍ଚ ହେବା ପାଇଁ ଟାର୍ଗେଟ ଦିଆଯାଇଛି । ହେଲେ ବର୍ଷ ଶେଷ ହେବାକୁ ୧୯ ଦିନ ଥିବାବେଳେ ମାତ୍ର ୩ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଶ୍ରମିକମାନେ ସହାୟତା ପାଇବା ପାଇଁ ବାରମ୍ବାର ଆନ୍ଦୋଳନ କରୁଥିବାବେଳେ ଶ୍ରମ ବିଭାଗର ଅପାରଗତା ଯୋଗୁ ୭ କୋଟି ଟଙ୍କା ଫେରି ଯିବାର ସମ୍ଭାବନା ଦେଖାଦେଇଛି । ଏଥିପ୍ରତି ନୟାଗଡ଼ ଜିଲାପାଳ ଦୃଷ୍ଟି ଦେବା ଦରକାର । ରଣପୁରର ଅଶୋକ ସ୍ୱାଇଁ କୁହନ୍ତି, ମୋ ଗାଁରେ ଅନେକ ଶ୍ରମିକ ଅଛନ୍ତି । ତେବେ ପଞ୍ଜିକରଣ କରିବା ପାଇଁ ହଇରାଣ ହରକତ ହୋଇ ଅଧିକାଂଶ ସମୟ ଶ୍ରମ କାର୍ଯ୍ୟାଳୟରୁ ଫେରିବାକୁ ପଡୁଛି । କାର୍ଡ ନବୀକରଣରେ ଅସହଯୋଗ କାରଣରୁ ଅନେକ ଶ୍ରମିକ ନବୀକରଣ କରୁନାହାନ୍ତି । ସରକାରଙ୍କ ଯୋଜନା ଭଲ ଥିବାବେଳେ କର୍ମଚାରୀ ଓ ଅଧିକାରୀଙ୍କ ଖାମଖିଆଲ ନୀତି ଶ୍ରମିକଙ୍କ ପାଇଁ କାଳ ହୋଇଛି । ନୟାଗଡ଼ ଜିଲା ଟ୍ରେଡ୍ ୟୁନିୟନ ସମନ୍ୱୟ କମିଟି ମହାସଚିବ ବସୁଦେବ ମହାନ୍ତି କୁହନ୍ତି, ନୟାଗଡ଼ର ଶ୍ରମିକମାନେ ଅବହେଳିତ ହେବାରୁ ୪ଦଫା ଦାବି ନେଇ ଆନ୍ଦୋଳନ କରିବାକୁ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଥିଲୁ । ଜିଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲାପାଳ ଓ ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଗତ ଡିସେମ୍ବର ୨ରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ଏଥିରେ ନୟାଗଡ଼ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ନୟାଗଡ଼ ଜିଲା ଟ୍ରେଡ୍ ୟୁନିୟନ ସମନ୍ୱୟ କମିଟିର କର୍ମକର୍ତ୍ତା ଭାଗ ନେଇଥିଲେ । ଏଥିରେ ନୟାଗଡ଼ର ବିଭିନ୍ନ ସମସ୍ୟାକୁ ଯୁଗ୍ମ ଶ୍ରମ ଆୟୁକ୍ତ ସମୀକ୍ଷା କରିବା ସହ ସଙ୍ଗଠନର ୪ ଦଫା ଦାବିକୁ ୭ଦିନ ମଧ୍ୟରେ ପୂରଣ କରିବାକୁ ଲିଖିତ ନିର୍ଦ୍ଦେଶ ଦେଇଥିଲେ । ହେଲେ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ବୁଧବାର ଲଣ୍ଠନ ଧରି ବିକ୍ଷୋଭ କରିଥିଲୁ । ବିକ୍ଷୋଭ ସମୟରେ ଯୁଗ୍ମ ଶ୍ରମ ଆୟୁକ୍ତ ପହଞ୍ଚି ଜିଲା ଶ୍ରମ ଅଧିକାରୀ ଓ ସହକାରୀ ଶ୍ରମ ଅଧିକାରୀଙ୍କ ଉପରେ ବିରକ୍ତ ହୋଇଥିଲେ । ସେହିପରି ୧୦ କୋଟି ଟଙ୍କାର ସହାୟତା ବଣ୍ଟନର ଟାର୍ଗେଟ ପୂରଣ କରିବାକୁ ଅନୁରୂପ ନିର୍ଦ୍ଦେଶ ଦେଇଥିଲେ । ପୁଣି ତୁରନ୍ତ ଶ୍ରମିକଙ୍କ ୪ଦଫା ଦାବି ପୂରଣ କରିବାକୁ ନିର୍ଦ୍ଦେଶ ଦେବା ପରେ ଧାରଣା ହଟିଛି । ଏନେଇ ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ରଙ୍କୁ ପଚାରିବାରୁ ଶ୍ରମିକମାନଙ୍କ ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ଜିଲା ଶ୍ରମ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ।

# ଶୀତଳା ଠାକୁରାଣୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ

ଖଣ୍ଡପଡା,୧୨।୩(ଅଜୟ କୁମାର ମହାରଣା)

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଦକ୍ଷିଣ ପାର୍ଶ୍ୱରେ ପ୍ରତିଷ୍ଠିତ ମା’ ଶୀତଳା ଦେବୀଙ୍କ ଷଷ୍ଠ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମଝିସାହି ପାଟଣା ଗ୍ରାମବାସୀଙ୍କ ପକ୍ଷରୁ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅଧିବାସ କାର୍ଯ୍ୟକ୍ରମ ଓ ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯଜ୍ଞ ପୂର୍ଣ୍ଣାହୁତି ସମୟରେ ଶତାଧିକ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଯଜ୍ଞ ନାରାୟଣଙ୍କୁ ପୁଷ୍ପାଳି ଅର୍ପଣ କରିଥିଲେ । କର୍ତ୍ତା ଭାବେ ୩ ଦମ୍ପତି ଯଥାକ୍ରମେ ଉମାକାନ୍ତ ସାହୁ ଓ କୁନି ସାହୁ, ରାଜେଶ କୁମାର ପ୍ରଧାନ ଓ ବନାନୀ ତ୍ରିପାଠୀ ଏବଂ କୀର୍ତ୍ତୀ ସ୍ୱରୁପ ଜେନା ଓ ମଧୁସ୍ମିତା ପ୍ରଧାନ କାର୍ଯ୍ୟ ସଂପାଦନ କରିଥିଲେ । ନିଗମାନନ୍ଦ ଶତପଥୀ, ଚିତ୍ତ ରଞ୍ଜନ ସାହୁ ଏବଂ ପୁରୋହିତ ଭାବେ କୃଷ୍ଣଚନ୍ଦ୍ର ଶତପଥୀ ଓ ବିଶ୍ୱ ରଞ୍ଜନ କର ଓ ତାଙ୍କ ସହଯୋଗୀ ଜିତେନ୍ଦ୍ର ତ୍ରିପାଠୀ ହୋମକାର୍ଯ୍ୟ ସମ୍ପାଦନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଭାପତି ଅଞ୍ଜନ କୁମାର ମହାରଣା, ପ୍ରଦ୍ୟୁମ୍ନ ମହାରଣା, ଚିନ୍ମୟ କୁମାର ଚୌଧୁରୀ ଓ ପ୍ରଦୀପ କୁମାର ମହାରଣା ପ୍ରମୁଖ ପରିଚାଳନା କରିଥିଲେ ।

# କାମ୍ପୋରି ଉତ୍ସବରେ ଛାତ୍ରୀଛାତ୍ରଙ୍କ କଳାକୌଶଳ ପ୍ରଦର୍ଶନ


କାମ୍ପୋରି ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଖଣ୍ଡପଡା,୧୨।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନୟାଗଡ଼ ଜିଲା ଭାରତ ସ୍କାଉଟ ଓ ଗାଇଡ୍ସ ପକ୍ଷରୁ ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ୬ଷ୍ଠ ଜିଲାସ୍ତରୀୟ କାମ୍ପୋରୀର ୨ୟ ଦିବସରେ ଛାତ୍ରୀଛାତ୍ରମାନେ ବିଭିନ୍ନ କଳାକୌଶଳ ପ୍ରଦର୍ଶନ କରିଥିଲେ । ବିଭିନ୍ନ ବିଦ୍ୟାଳୟର ସ୍କାଉଟ ଓ ଗାଇଡସ ଛାତ୍ରୀ ଛାତ୍ରମାନଙ୍କ ଦ୍ୱାରା ଲୋକନୃତ୍ୟ, ସାହସିକ କଳା, କ୍ୟାମ୍ପ ଫାୟାର ବ୍ୟାଣ୍ଡ ପ୍ରଦର୍ଶନୀ ଆଦି ଅନୁଷ୍ଠିତ ହୋଇଥିଲା। କାମ୍ପୋରୀରେ ଯୋଗ ଦେଇଥିବା ବିଭିନ୍ନ ବିଦ୍ୟାଳୟର ସ୍କାଉଟ ଓ ଗାଇଡ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଭାରତ ସ୍କାଉଟସ ଓ ଗାଇଡର ରାଜ୍ୟ ମୁଖ୍ୟ କମିଶନର କାଳିପ୍ରସାଦ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଅନାମିକା ଦାଶ ଓ ସମ୍ମାନୀତ ଅତିଥି ଭାବେ ଭାରତ ସ୍କାଉଟସ ଗାଇଡର ରାଜ୍ୟ କମିଶନର ଅଶୋକ କୁମାର ରଥ, ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ, ନୟାଗଡ଼ ଜିଲା ଶିକ୍ଷାଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ ପ୍ରମୁଖ ଯୋଗଦେଇଇଥିଲେ । ଅନୁଷ୍ଠାନର ପ୍ରଧାନ ଶିକ୍ଷୟତ୍ରୀ ଲିପ୍ସା ନନ୍ଦ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ପକ୍ଷରୁ ଆୟୋଜିତ ବଡଖାନା କାର୍ଯ୍ୟକ୍ରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅତିଥିମାନେ ଅପ୍ୟାୟିତ ହୋଇଥିଲେ। ଏ ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କ ମନୋରଞ୍ଜନ କରିଥିଲେ ।

# ଶୌଚାଳୟର ପୁନରୁଦ୍ଧାର ଦାବି


ଖଣ୍ଡପଡ଼ା,୧୨।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରର ୧ନଂ. ୱାର୍ଡସ୍ଥିତ ଅସ୍ଥାୟୀ ବସଷ୍ଟାଣ୍ଡ ନିକଟରେ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏନ୍‌ଏସି ପକ୍ଷରୁ ଶୌଚାଳୟ ଓ ପରିଶ୍ରାଗାର ନିର୍ମାଣ କରାଯାଇଥିଲା । କିଛି ବର୍ଷ ଧରି ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଥିବା ଏହି ଶୌଚାଳୟ ଓ ପରିସ୍ରାଗାର ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ଫଳରେ ଦୀର୍ଘ ସମୟ ଧରି ଯାତ୍ରୀବାହୀ ବସଗୁଡିକୁ ସେଠାରେ ଅପେକ୍ଷା କରୁଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି । ଶୌଚାଳୟ ଓ ପରିଶ୍ରାଗାରର ପୁନଃରୁଦ୍ଧାର କରାଗଲେ ଅଞ୍ଚଳବାସୀ ଉପକୃତ ହୋଇ ପାରିବେ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଶ୍ରୀଜୀଉଙ୍କ ଦୋଳ ପରିକ୍ରମା

ଖଣ୍ଡପଡ଼ା,୧୨।୩(ଅଜୟ କୁମାର ମହାରଣା)

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଜୀଉ ବୁଧବାର ତ୍ରୟୋର୍ଦ୍ଦଶୀ ତିଥିରେ ଲକ୍ଷ୍ମୀ, ସରସ୍ୱତୀଙ୍କୁ ସାଙ୍ଗରେ ଧରି ଗ୍ରାମକୁ ଦୋଳ ପରିକ୍ରମା କରି ଚାଚେରୀ ଭୋଗ ଖାଇ ମନ୍ଦିର ପ୍ରତ୍ୟାବର୍ତନ କରିଥିଲେ । ପୁରୀ ଶ୍ରୀ ମନ୍ଦିର ପରି ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଂଟିଲୋର ଶ୍ରୀନୀଳମାଧବଜୀଉଙ୍କ ମଧ୍ୟ ଫଗୁ ଦଶମୀଠାରୁ ଶ୍ରୀଜୀଉଙ୍କ ପବିତ୍ର ଦୋଳଯାତ୍ରା ୩ଦିନ ପଯ୍ୟନ୍ତ ପାରମ୍ପରିକ ରୀତିରେ ପାଳିତ ହୋଇଛି । ଏହି ଅବସରରେ ଶ୍ରୀ ଜୀଉମାନେ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଦୟଣାଚୋରି ବଗିଚାକୁ ଦୋଳ ପୂଜା ପାଇଁ ବିଜେ ହୋଇଥାନ୍ତି । ବୁଧବାର ସନ୍ଧ୍ୟାରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଲକ୍ଷ୍ମୀ, ସରସ୍ୱତୀଙ୍କ ସହ ସନ୍ଧ୍ୟା ଆଳତୀ ପରେ ମନ୍ଦିରରୁ ବାହାରି ଏକ ସୁସଜ୍ଜିତ ବିମାନରେ ଦୟଣାଚୋରୀ ବଗିଚାକୁ ଯାଇ ଦୋଳନୀତି ସମ୍ପନ୍ନ କରିଥିଲେ। ଗ୍ରାମ ପରିକ୍ରମା କରି ଗ୍ରାମସ୍ଥିତ ଶ୍ରୀରଘୁନାଥ ଜୀଉ, ବଟେଶ୍ୱର ମହାଦେବ ଓ କୃଷ୍ଣେଶ୍ୱର ମହାଦେବଙ୍କ ନିକଟରେ ଚାଚେରୀ ଭୋଗ ଖାଇଥିଲେ । ପ୍ରତ୍ୟାବର୍ତ୍ତନ ସମୟରେ ଗୃହସ୍ଥମାନେ ନିଜ ନିଜ ଦୁଆରେ ଦୀପ, ଧୂପ ରଖି ଠାକୁରଙ୍କୁ ଚଣା, ଖଜା ଭୋଗ ଲଗାଇଥିଲେ ।


ସୁସଜ୍ଜିତ ବିମାନରେ ଶ୍ରୀଜୀଉଙ୍କୁ ପରିକ୍ରମା କରାଯାଉଛି।

ପବିତ୍ର ଦୋଳ ପର୍ବ ପାଇଁ ଖଣ୍ଡପଡ଼ା ଅଞ୍ଚଳର ପୁରପଲ୍ଲୀ ଉତ୍ସବ ମୁଖର ହୋଇ ଉଠିଛି । ପ୍ରତ୍ୟେକ ଗ୍ରାମରେ ଆରାଧ୍ୟ ଦେବଙ୍କ ଚଳନ୍ତି ପ୍ରତିମାକୁ ବିମାନ ଯୋଗେ ଗ୍ରାମ ପରିକ୍ରମା କରିବା ଅବସରରେ ପ୍ରତ୍ୟେକ ବ୍ୟକ୍ତି ଘର ଆଗରେ ବିଗ୍ରହଙ୍କୁ ଭୋଗ ଲାଗି କରିବାର ଦୃଶ୍ୟ ପରିଲକ୍ଷିତ ହେଉଛି । ଆବହମାନ କାଳରୁ ଦୋଳ ବିମାନରେ ବିଗ୍ରହ ମାନଙ୍କ ଗ୍ରାମ ପରିକ୍ରମା ପ୍ରଚଳିତ ହୋଇ ଆସୁଛି । ଏ ଅବସରରେ ବିଭିନ୍ନ ସ୍ଥାନରେ ଗୋପାଳ ସମାଜ ପକ୍ଷରୁ ଲଉଡି ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଖଣ୍ଡପଡ଼ା ବ୍ଲକ ଅଧିନ ବସନ୍ତପୁରରେ ୩ ଦୋଳ ଯାତ୍ରା, ବନମାଳୀପୁରରେ ପଞ୍ଚୁଦୋଳ ଯାତ୍ରା ଓ ଖଳିସାହି ଗ୍ରାମରେ ଦଶଦୋଳ ଯାତ୍ରା ନିମନ୍ତେ ଯାତ୍ରା କମିଟି ପକ୍ଷରୁ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଗାଁ ଗାଁରେ ଦୋଳ ପର୍ବ ଯୋଗୁ ସବୁଠି ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଗାଁ ଗଣ୍ଡାରେ ଲଉଡି ଖେଳକୁ ଅଞ୍ଚଳବାସୀ ମନଭରି ଉପଭୋଗ କରୁଛନ୍ତି । ସର୍ବତ୍ର ଆନନ୍ଦ ଉଲ୍ଲାସର ସହ ଦୋଳ ପର୍ବ ପାଳିତ ହେଉଛି ।

# ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ୪ କୋଟି ଟଙ୍କା ମଞ୍ଜୁର

ଖଣ୍ଡପଡ଼ା,୧୨।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ପର୍ଯ୍ୟଟନ ବିଭାଗ ଜରିଆରେ ୪ କୋଟି ଟଙ୍କାର ଅନୁଦାନ ଅର୍ଥ ମଞ୍ଜୁର କରିଛନ୍ତି । ଉକ୍ତ ଅନୁଦାନ ଅର୍ଥରେ ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ ପଠାଣି ସାମନ୍ତଙ୍କ ସ୍ମୃତି ରକ୍ଷା ନିମନ୍ତେ ଜନ୍ମମାଟି ଖଣ୍ଡପଡାରେ ୨ କୋଟି ଟଙ୍କା ବ୍ୟୟରେ ପଠାଣି ସାମନ୍ତ ସ୍ମୃତି ମନ୍ଦିରର ସାମଗ୍ରୀକ ବିକାଶ କରାଯିବ ବୋଲି ଜଣାପଡିଛି । ସେହିପରି ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଭାପୁର ବ୍ଲକ ଅଧୀନ ତରବାଲୋଠାରେ ଅବସ୍ଥିତ ସର୍ବବୃହତ ଉଷ୍ଣପ୍ରସ୍ରବଣର ଉନ୍ନତିକରଣ ପାଇଁ ୨ କୋଟି ଟଙ୍କା ଏହିପରି ୪କୋଟି ଟଙ୍କା ମଞ୍ଜୁର ହୋଇଥିବା ପ୍ରଶାସନ ସୁତ୍ରରୁ ଜଣାପଡିଛି। ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଉଦ୍ୟମ କ୍ରମେ ଅନୁଦାନ ଅର୍ଥ ମଞ୍ଜୁର ହୋଇଛି ।

# ଜ୍ଞାନର କୌଣସି ପରିସୀମା ନ ଥାଏ

## ନୀଳକଣ୍ଠ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଶରଣକୂଳ,୧୨।୩(ଦୀପକ କର)

ଶରଣକୁଳ ନୀଳକଣ୍ଠ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶିବନାରାୟଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶରଣକୂଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ସମ୍ମାନିତ ଅତିଥି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଗୋଦାବରୀ ବସନ୍ତିଆ ଓ ମୁଖ୍ୟବକ୍ତା କବି ଦୀନବନ୍ଧୁ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ଫଟୋ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ପ୍ରଧାନଶିକ୍ଷକ ଶୈଳବାଳା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲର ବାର୍ଷିକ ଉତ୍ସବ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ପ୍ରତିଭାର ପରିପ୍ରକାଶ ଘଟିଥାଏ ବୋଲି କହିଥିଲେ। ଜ୍ଞାନର କୌଣସି ପରିସୀମା ନ ଥାଏ, ଶିକ୍ଷାକୁ ଆଜୀବନ ଲାଭ କରିବାକୁ ପଡିଥାଏ ବୋଲି ମତବ୍ୟକ୍ତ କରିଥିଲେ । କ୍ରୀଡ଼ା ଓ ବୌଦ୍ଧିକ ଜ୍ଞାନ ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ତଟିନି ମହାପାତ୍ର, ଜୟନ୍ତୀ ମିଶ୍ର ଓ ଦେବସ୍ମିତା ମହାପାତ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ନୀଳକଣ୍ଠ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

# ଚୋରା ମଦ ଜବତ,୨ ଗିରଫ

ଦଶପଲ୍ଲା,୧୨।୩(ପ୍ରକାଶ କୁମାର ପାଣି)

ବୁଧବାର ଦଶପଲ୍ଲା ଅବକାରୀ ବିଭାଗ ତରଫରୁ ଚଢାଉ କରାଯାଇ ୮୦ ଲିଟର ଚୋରା ମଦ ଜବତ କରାଯିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ସୁବଳ ନାୟକ ଏବଂ ମହେଶ୍ୱର ବେହେରା । ଏମାନେ ଚୋରା ମଦ ନେଇ ଯାଉଥିବା ବେଳେ ଅବକାରୀ ବିଭାଗ ତରଫରୁ ନଛିପୁର ରାସ୍ତାରେ ଚଢ଼ାଉ କରାଯାଇ ମଦ ଜବତ କରାଯାଇଥିଲା । ଏହାପରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟକୁ ଚାଲାଣ କରାଯାଇଥିବା ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରା କହିଛନ୍ତି ।

# ଜଙ୍ଗଲ ନିଆଁ ଲିଭାଇଲେ ଜଙ୍ଗଲ ସୁରକ୍ଷା କର୍ମୀ

ଦଶପଲ୍ଲା,୧୨।୩(ପ୍ରକାଶ କୁମାର ପାଣି)

ବୁଧବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ କଳସାଖମଣ ନିକଟସ୍ଥ ଗଣିକୁମ୍ଭା ପାଣିଟାଙ୍କି ନିକଟସ୍ଥ ଜଙ୍ଗଲରେ ନିଆଁ ଲାଗିଯାଇଥିଲା । ଖବରପାଇ ଜଙ୍ଗଲ ଓ ପରିବେଶ ସୁରକ୍ଷା ମହାସଂଘ ନୟାଗଡ଼ ସମ୍ପାଦକ କିଶୋର ଚନ୍ଦ୍ର ଦଳବେହେରା ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କୁ ଡାକି ନିଆଁକୁ ଆୟତ କରିଥିଲେ। ଫଳରେ ଜଙ୍ଗଲ ନିଆଁକୁ ରୋକାଯାଇ ପାରିଥିଲା । ଏହି ନିଆଁ ଲିଭାରେ ଉକ୍ତ ଅଞ୍ଚଳର ଟୁନା ଭୋଇ, ରୁନା ବେହେରା, ବାଦଲ ବେହେରା, ବାବୁଲ ନାୟକ, କାହ୍ନା ପ୍ରଧାନ, ରାଜା ସାହୁ, ଶ୍ୱେତ ମାଝୀ ପ୍ରମୁଖ ସାମିଲ ହୋଇଥିଲେ।

# ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ


ମଞ୍ଚାସୀନ ଅତିଥି ବୃନ୍ଦ।

ଦଶପଲ୍ଲା,୧୨।୩(ପ୍ରକାଶ କୁମାର ପାଣି)

ସ୍ଥାନୀୟ ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟରେ ଓଡ଼ିଆ ବିଭାଗ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଛି। ପୂର୍ବତନ ଅଧକ୍ଷ ଗୋପୀନାଥ ସାହୁ ଓ ଅଧାପକ ଯୋଗୀନ୍ଦ୍ରନାଥ ମିଶ୍ର ପ୍ରମୁଖ ୧୧ ଶାସ୍ତ୍ର ଶାସ୍ତ୍ରୀୟ ଭାଷା ସମ୍ପର୍କରେ ଆଲୋଚନା କରି ଓଡ଼ିଆ ଭାଷାର ବ୍ୟାପକତା ଓ ମହନୀୟତା ସମ୍ପର୍କରେ ଆଲୋଚନା କରି କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ସରୋଜ କୁମାର ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଓଡ଼ିଆ ବର୍ଣ୍ଣମାଳାରୁ ବିଲୁପ୍ତ ବର୍ଣ୍ଣର ପୁନରୁଦ୍ଧାର କରିବା ସହ କମ୍ପ୍ୟୁଟର ମାଧ୍ୟମରେ ଲେଖା ଯାଇଥିବା ତ୍ରୁଟିପୂର୍ଣ୍ଣ ଓଡ଼ିଆ ଅକ୍ଷର କିପରି ଭବିଷ୍ୟତ ପିଢ଼ୀକୁ ଓଡ଼ିଆ ଭାଷା ପ୍ରତି ବିମୁଖତା ଆଣିଦେଇଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଅଧାପକ ଉମାକାନ୍ତ ତ୍ରିପାଠୀ ସଂପ୍ରତି ବିଜ୍ଞାନ ସାହିତ୍ୟର ଉପାଦେୟତା ଉପରେ ଆଲୋଚନା କରିଥିଲେ। ଅଧାପକ ସରୋଜ ମଣ୍ଡଳ ଇଂଲିଶ ସାହିତ୍ୟଠାରୁ ଓଡ଼ିଆ ସାହିତ୍ୟ କିପରି ମଧୁମୟ ସେ ବିଷୟରେ ଆଲୋଚନା କରିଥଲେ। ଅନ୍ୟତମ ଅତିଥ ଭାବେ ଆଡ଼କଟାସ୍ଥିତ ବି.ବି. ମହାବିଦ୍ୟାଳୟର ଅଧାପକ ଶୁଭାଶିଷ ସାହୁ ଓଡ଼ିଆ ଭାଷା କାହିଁକି ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରାପ୍ତ ହୋଇଛି ସେ ସମ୍ପର୍କରେ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ। ଅଧାପିକା ମୌସୁମୀ ବାରିକ ଓଡ଼ିଆ ଭାଷାର ଜନ୍ମଜାତକଠାରୁ ଉତ୍ତର ଓଡ଼ିଆ ସାହିତ୍ୟର ଦିଗ ଉପରେ ଅଭିଭାଷଣ ରଖିଥିଲେ। ଅଧାପିକା ପ୍ରତିମା ପ୍ରଧାନ ଏହାର ବିଭିନ୍ନ ଦିଗ ସମ୍ପର୍କରେ ମତ ରଖୁଥିଲେ। ଅଧକ୍ଷ ସୁବାସ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ରତ୍ନପଣ୍ଡା ମିଶ୍ର ଧନ୍ୟବାଦ ଦେଇଥିଲେ।

